# NATIONAL NEWS BULLETIN (ODIA)

**14 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବାକୁ ଆଲ୍‌ଜେରିଆରେ ପହଞ୍ଚିଲେ  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଜାମ୍ମୁ କାଶ୍ମୀରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ।
- ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ହେବ ଆମେରିକା-ଭାରତ ରଣନୈତିକ ଭାଗିଦାରୀ ଫୋରମର  ଭାରତ ନେତୃତ୍ୱ ଶିଖର ସମ୍ମିଳନୀ ।
- କେନ୍ଦ୍ରୀୟ ଉତ୍ତର ଇସ୍ରାଏଲ୍‌ସ୍ଥିତ ସେନାଘାଟି ଉପରେ ହିଜିବୁଲ୍ଲାର ଡ୍ରୋନ୍ ଆକ୍ରମଣ ।

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୯ ରନ୍‌ରେ ବିଜୟୀ ।

## ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇ ଗତକାଲି ଆଲ୍‌ଜେରିଆର ରାଜଧାନୀଠାରେ ପହଞ୍ଚିଛନ୍ତି ।  ସେହି ତିନୋଟି ଆଫ୍ରିକୀୟ ରାଷ୍ଟ୍ର ହେଉଛି, ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲୱି ।

ଆଲ୍‌ଜେରିଆଠାରେ ରାଷ୍ଟ୍ରପତି ଆଜି ତାଙ୍କ ପ୍ରତିପକ୍ଷ ଏବଂ ଅନ୍ୟାନ୍ୟ ଶୀର୍ଷ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କରିବେ । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ରାଷ୍ଟ୍ରପତି ଭେଟିବାର କାର୍ଯ୍ୟସୂଚୀ ରହିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ୧୬ ତାରିଖରେ ମୌରିଟାନିଆ ଗସ୍ତରେ ଯାଇ ସେଠାକାର ରାଷ୍ଟ୍ରପତି ମହମ୍ମଦ ଆଉଦ୍ ଚୈକ୍ ଏଲ୍ ଘାଜୌଆନୀଙ୍କ ସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୈଠକରେ ଯୋଗଦେବେ ।

ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତା ୧୭ ତାରିଖରେ ମାଲାଓ୍ୱି ଠାରେ ପହଞ୍ଚିବା ପରେ ସେଠାକାର  ରାଷ୍ଟ୍ରପତି ଏବଂ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ବାଣିଜ୍ୟ ଓ ଶିଳ୍ପ ଆଦି ପ୍ରସଙ୍ଗରେ ଆଲୋଚନା କରିବେ । ଏହି ୩ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏବଂ  ସଂପର୍କର ନୂନତ ମାର୍ଗ ଉନ୍ମୁକ୍ତ କରିବା ରାଷ୍ଟ୍ରପତିଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ୧୯ ତାରିଖରେ ରାଷ୍ଟ୍ରପତି ସ୍ୱଦେଶ ଫେରିବେ ।

## ଜେକେ-ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ

ଜାମ୍ମୁ କାଶ୍ମୀରରୁ ଗତରାତିରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ହୋଇଛି । ଏହି କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ  ପରେ ନୂଆ ସରକାର ଗଠନ ପାଇଁ ପଥ ଉନ୍ମୁକ୍ତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭା ନିର୍ବାଚନରେ ବହୁମତ ହାସଲ କରିଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ମେଣ୍ଟ ନେତା ଓମାର ଅବଦୁଲ୍ଲା ସରକାର ଗଠନ ପାଇଁ ଇତିମଧ୍ୟରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସାକ୍ଷାତ କରି ଦାବି

ଉପସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ ୨୦୧୯ରେ ଧାରା ୩୭୦ ଓ ୩୫-କ ଉଚ୍ଛେଦ ପରେ ଲଦାଖ ଏବଂ ଜାମ୍ମୁ କାଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରାଯାଇଥିଲା । ଓମାର ଅବଦୁଲ୍ଲା ଜାମ୍ମୁ କାଶ୍ମୀରର ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ହେବେ ।

## ଓମ୍ ବିର୍ଲା-ଆଇପିୟୁ ଆସେମ୍ବ୍ଲି

ଜେନେଭାଠାରେ  ଆନ୍ତଃ ସଂସଦୀୟ ସଂଘ ଆଇ.ପି.ୟୁ ର ୧୪୯ତମ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଏଥିରେ ଯୋଗଦେବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଭାରତର ସଂସଦୀୟ ପ୍ରତିନିଧିମଣ୍ଡଳୀ ଗତରାତିରେ ଜେନେଭାଠାରେ ପହଞ୍ଚିଛନ୍ତି । ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଉପଯୋଗ ଶୀର୍ଷକରେ ଶ୍ରୀ ବିର୍ଲା ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ଆଇ.ପି.ୟୁର ପରିଚାଳନା ପରିଷଦ ବୈଠକରେ ଶ୍ରୀ ବିର୍ଲା ଅଂଶଗ୍ରହଣ କରିବା ସହ ଜେନେଭାରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଅନ୍ୟ ରାଷ୍ଟ୍ରର ସଂସଦୀୟ ପ୍ରତିନିଧି ମଣ୍ଡଳୀର ମୁଖ୍ୟଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହଙ୍କ ସମେତ ଉଭୟ ସଂସଦର ମନୋନୀତ ସଦସ୍ୟ ଏହି ଅଧିବେଶନରେ ଅଂଶଗ୍ରହଣ କରିବାକୁ ଶ୍ରୀ ବିର୍ଲାଙ୍କ ସହ ଯାଇଛନ୍ତି । ଆସନ୍ତା ୧୭ ତାରିଖରେ ଏହି ଅଧିବେଶନ ଉଦ୍ଯାପିତ ହେବ ।

# ଭାରତ ନେତୃତ୍ୱ ଶିଖର ସମ୍ମିଳନୀ

ଆମେରିକା-ଭାରତ ରଣନୈତିକ ଭାଗିଦାରୀ ଫୋରମ୍‌ର ବାର୍ଷିକ ଭାରତ ନେତୃତ୍ୱ ଶିଖର ସମ୍ମିଳନୀ-୨୦୨୪ ଆଜି ନୂଆଦିଲ୍ଲୀଠାରେ ଆରମ୍ଭ ହେବ । ଦ୍ୱିପାକ୍ଷିକ ବାଣିଜ୍ୟ, ଯୋଗାଣ ଶୃଙ୍ଖଳ, ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ, କୃତ୍ରିମ ବୁଦ୍ଧିମତ୍ତା ଏବଂ ବୈଷୟିକ ସହଯୋଗ ବୃଦ୍ଧି ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ । ପ୍ରତିରକ୍ଷା ସଂପର୍କକୁ ସୁଦୃଢ଼ କରିବା, ସ୍ୱଚ୍ଛଶକ୍ତିକୁ ପ୍ରୋତ୍ସାହନ ପ୍ରଦାନ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ସୁରକ୍ଷା ସଂପର୍କରେ ମତ ବିନିମୟ କରିବା ଏହି ଦିନିକିଆ ଶିଖର ସମ୍ମିଳନୀର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଏବଂ କ୍ୱାଡ୍ ଶିଖର ସମ୍ମିଳନୀ ଓ ମିଳିତ ଜାତିସଂଘ ସଭାରେ ଉଦ୍‌ବୋଧନ ପରେ ଏହି ଶୀର୍ଷ ସମ୍ମିଳନୀ ଆୟୋଜିତ ହେଉଛି । ଫୋରମର ଅଧ୍ୟକ୍ଷ ଜନ୍ ଚାମ୍ବର୍ସ କହିଛନ୍ତି ଉଭୟ ଦେଶ ସମୃଦ୍ଧ ଭବିଷ୍ୟତ ନିର୍ମାଣ ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି । ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ଗତିଶୀଳ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପ୍ରଦାନ କରୁଛି । ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ, ଧର୍ମେନ୍ଦ୍ର ପ୍ରଧାନ, ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରମୁଖ ଯୋଗଦେବେ । ଭାରତର ଉତ୍ପାଦନ ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବୈଠକରେ ଆଲୋଚନା ହେବ ।

## ପଶ୍ଚିମବଙ୍ଗ-ଡାକ୍ତର ଧର୍ମଘଟ

ପଶ୍ଚିମବଙ୍ଗରେ ଡାକ୍ତର ଧର୍ମଘଟ ପରିସ୍ଥିତିର ସମାଧାନ ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭବନରେ ସଂଘର ପ୍ରତିନିଧିମାନଙ୍କ ସହ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ମୁଖ୍ୟଶାସନ ସଚିବ ମନୋଜ ପନ୍ଥଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ । ରାଜ୍ୟ ସଚିବାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ଡାକ୍ତରୀ ସଂଘ ସମେତ ଅନ୍ୟ ଡାକ୍ତରୀ ସଂଘର ୨ଜଣ ଲେଖାଏଁ ପ୍ରତିନିଧିଙ୍କୁ ବୈଠକରେ ଯୋଗଦେବାକୁ ଅନୁରୋଧ କରାଯାଇଛି । ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଘ ଗୁଡ଼ିକୁ ପାଖକୁ ଇ-ମେଲ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ତେବେ ବୈଠକରେ ଯୋଗଦେବା ଲାଗି ସଂଘ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ ।

ସୂଚନାଯୋଗ୍ୟ ସ୍ୱାସ୍ଥ୍ୟସେବା ଅଚଳାବସ୍ଥାର ସମାଧାନ ପାଇଁ କିଛି ବୁଦ୍ଧିଜୀବୀ ଏବଂ ବୈଜ୍ଞାନିକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

## ହିଜିବୁଲ୍ଲା ଆଟାକ୍

କେନ୍ଦ୍ରୀୟ ଉତ୍ତର ଇସ୍ରାଏଲ୍‌ସ୍ଥିତ ସେନାଘାଟି ଉପରେ ହିଜିବୁଲ୍ଲାର ଡ୍ରୋନ୍ ଆକ୍ରମଣରେ ୪ ଜଣ ସୈନିକଙ୍କର ମୃତ୍ୟୁ ହୋଇଛି । ୫୮ରୁ ଅଧିକ ଆହତ ହୋଇଛନ୍ତି । ଇସ୍ରାଏଲ୍ ସୁରକ୍ଷା ବାହିନୀ -ଆଇଡିଏଫ୍ ଦେଇଥିବା ସୂଚନା ଅନୁଯାୟୀ ହିଜିବୁଲ୍ଲା ଦ୍ୱାରା ଡ୍ରୋନ୍ ମାଧ୍ୟମରେ ତେଲ୍ ଅଭିବ୍ ର ଉତ୍ତରରେ

ଥିବା ବିନ୍ୟାମିନା ସହର ନିକଟସ୍ଥ ସେନାଘାଟି ଉପରେ ଆକ୍ରମଣ କରାଯାଇଥିଲା । ଅନ୍ୟପକ୍ଷରେ ଲେବାନନ୍‌ସ୍ଥିତ ଆତଙ୍କବାଦୀ ସଂଗଠନ ହିଜିବୁଲ୍ଲା କହିଛି ଇସ୍ରାଏଲ୍‌ର ଲେବାନନ୍ ଉପରେ ଗତ ଗୁରୁବାର ଆକ୍ରମଣର ପ୍ରତିଉତ୍ତରରେ ଏହି ପଦକ୍ଷେପ ନିଆଯାଇଛି । ଇସ୍ରାଏଲ୍‌ର ଆକ୍ରମଣରେ ୨୨ ଜଣଙ୍କର ମୃତ୍ୟୁ ହେବା ସହ ୧୧୭ ଜଣ ଆହତ ହୋଇଥିଲେ ବୋଲି ହିଜିବୁଲ୍ଲା କହିଛି ।

## ଲେବାନନ୍ ଫୋର୍ସ-ନେତାନ୍ୟାହୁ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦକ୍ଷିଣ ଲେବାନନ୍‌ରେ ମୁତୟନ ହୋଇଥିବା ଜାତିସଂଘ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାବଳକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି । ଦକ୍ଷିଣ ଲେବାନନ୍‌ରେ ଏହି ସୁରକ୍ଷାବଳର କର୍ମୀଙ୍କୁ ହିଜିବୁଲ୍ଲା ପଣବନ୍ଦୀ କରି ରଖିଛି । ଗତ ସପ୍ତାହରେ ୨ଜଣ ଜାତିସଂଘ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାବଳ ସୈନିକଙ୍କ ଆହତ ଘଟଣାକୁ ନେଇ ଇସ୍ରାଏଲ୍ ସେନା ଦୁଃଖ ପ୍ରକାଶ କରିଛି ।

ଅନ୍ୟପକ୍ଷରେ ଇସ୍ରାଏଲ୍ ସେନା ଦ୍ୱାରା ଏଭଳି ପଦକ୍ଷେପକୁ ଶାନ୍ତିରକ୍ଷା ବାହିନୀ ଉପରେ ଆକ୍ରମଣ ଏବଂ ଏହା ଆନ୍ତର୍ଜାତିକ ମାନବିକତା ଆଇନ ଓ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଉଲ୍ଲଂଘନ କରୁଛି ବୋଲି ଜାତିସଂଘ ନିରାପତ୍ତା ପରିଷଦ କହିଛି ।

## ସମ୍ବିଧାନ ଦିବସ-ରିଜିଜୁ

ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଆସନ୍ତାମାସ ୨୬ ତାରିଖରେ ଭାରତୀୟ ସମ୍ବିଧାନର ୭୫ ବର୍ଷ ବାର୍ଷିକୀ ଅବସରରେ ଦେଶବ୍ୟାପୀ ସମ୍ବିଧାନ ଗୌରବ ଅଭିଯାନ  ପାଳନ କରାଯିବ । ପ୍ରତ୍ୟେକ ଗାଁରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ସାମ୍ବାଦିକମାନଙ୍କୁ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି ପ୍ରତ୍ୟେକ ଜିଲ୍ଲାରେ ସମ୍ବିଧାନ ଭବନ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଉପଭୋକ୍ତା ଅଧିକାର ଏବଂ ଦାୟିତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଉପଭୋକ୍ତା ମନ୍ତ୍ରଣାଳୟର ସଚିବ ନିଧି ଖରେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ  011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରିପାରିବେ ।  ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ମହିଳା ଆଇସିସି ବିଶ୍ୱକପ୍ କ୍ରିକେଟ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଭାରତ’ ଅଷ୍ଟ୍ରେଲିଆଠାରୁ ୯ ରନ୍‌ରେ ହାରିଯାଇଛି । ସାରଜାଠାରେ ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଏହି ବିଜୟ ସହ ଅଷ୍ଟ୍ରେଲିଆ ଅପରାଜେୟ ଭାବେ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ତେବେ ଭାରତର ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିବା ନିଉଜିଲ୍ୟାଣ୍ଡ ଏବଂ ପାକିସ୍ତାନ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରୁଛି । ପାକିସ୍ତାନ ବିଜୟ ହାସଲ କଲେ ଭାରତ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିବ ।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୫୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଗ୍ରେସ୍ ହାରିସ୍ ସର୍ବାଧିକ ୪୦ ରନ୍ ସଂଗ୍ରହ କରିଥିଲେ । ୧୫୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୯ ୱିକେଟ୍ ବିନିମୟରେ ୧୪୨ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଅଧିନାୟକ ଅରମନ ପ୍ରୀତ୍ କୌର ଅପରାଜିତ ୫୪ ରନ୍ ସଂଗ୍ରହ କରିଥିଲେ । ଅଷ୍ଟ୍ରେଲିଆର ସୋଫେ ମୋଲିନିୟସ୍କ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ’ ସ୍କଟଲ୍ୟାଣ୍ଡକୁ ୧୦ ୱିକେଟ୍‌ରେ ହରାଇ ଦେଇଥିଲା ।

ଦୁବାଇର ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଆଜି ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ପାକିସ୍ତାନ ଏବଂ ନିଉଜିଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ ।

## ହକି

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଆଜିଠାରୁ ଚତୁର୍ଥ ହକି ଇଣ୍ଡିଆ ସିନିୟର ମହିଳା ଆନ୍ତଃବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଏଫ୍‌ପିଆଇ

ଇସ୍ରାଏଲ ଓ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷ, ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଚୀନ୍ ବଜାରର ଦୃଢ଼ ପ୍ରଦର୍ଶନ ଯୋଗୁଁ ଚଳିତ ମାସ ୧ରୁ ୧୧ ତାରିଖ ମଧ୍ୟରେ ବିଦେଶୀ ନିବେଶକମାନେ ଏପର୍ଯ୍ୟନ୍ତ ୫୮ ହଜାର ୭୧୧ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

ସେପ୍ଟେମ୍ବରରେ ୯ ମାସର ସର୍ବାଧିକ ନିବେଶ ୫୭ ହଜାର ୭୨୪ କୋଟି ଟଙ୍କା ହେବା ପରେ ନିବେଶକମାନେ ଏହି ଅର୍ଥ ରାଶି ପ୍ରତ୍ୟାହାର କରିଛନ୍ତି। ଗତ ଏପ୍ରିଲ-ମେ’ ମାସରେ ନିବେଶକମାନେ ୩୪ ହଜାର ୨୫୨ କୋଟି ଟଙ୍କା ପ୍ରତ୍ୟାହାର କରିବା ପରେ ଜୁନ୍ ମାସରୁ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଅଂଶଧନ କ୍ରୟ କରିଥିଲେ।